# ନିର୍ମାଣ ଶ୍ରମିକ କଲ୍ୟାଣ ଯୋଜନାରେ "୫ ଟି"ର କାର୍ଯ୍ୟକାରିତାକୁ ନେଇ ସଚେତନତା କର୍ମଶାଳା ।

ଅନୁଗୋଳ,ତା.୧୭.୧୦: - ଅସଂଗଠିତ କ୍ଷେତ୍ରରେ କାର୍ଯ୍ୟ କରୁଥିବା ନିର୍ମାଣ ଶ୍ରମିକମାନଙ୍କ କଲ୍ୟାଣ ନିମନ୍ତେ ସରକାର ବିଭିନ୍ନ ସହାୟତା ଯୋଗାଇ ଦେଉଛନ୍ତି । ଏହି ସେବା ଗୁଡିକ କିପରି ସେମାନଙ୍କ ନିକଟରେ ସହଜରେ ଉପଲବ୍ଧ ହୋଇ ସରକାରଙ୍କ "୫ ଟି" ସଫଳତାର ସହ କାର୍ଯ୍ୟକାରୀ ହୋଇପାରିବ ସେ ସମ୍ପର୍କରେ ଏକ ଦିନିକିଆ ସଚେତନତା କର୍ମଶାଳା ଆଜି ଅନୁଷ୍ଠିତ ହୋଇଯାଇଛି । ଅନୁଗୋଳ ଓ ତାଳଚେର ଶ୍ରମ ଜିଲ୍ଲା ଦ୍ଵାରା ଜିଲ୍ଲା କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଆଜି ପୂର୍ବାହ୍ନରେ ଅନୁଷ୍ଠିତ କର୍ମଶାଳାରେ ଜିଲ୍ଲାପାଳ ଶ୍ରୀ ମନୋଜ କୁମାର ମହାନ୍ତି ଅଧ୍ୟକ୍ଷତା କରି ଏହାକୁ ଉଦଘାଟନ କରିବା ସହ "୫ ଟି" ରେ ଅନ୍ତର୍ଭୁକ୍ତ ଥିବା ପ୍ରତ୍ୟେକ ସେବାକୁ ସଠିକ ସମୟରେ ନିର୍ମାଣ ଶ୍ରମିକଙ୍କ ନିକଟରେ ପହଂଚାଇବା ଉପରେ ଗୁରୁତ୍ୱାରୋପ କରିଥିଲେ । ନିର୍ମାଣ ଶ୍ରମିକମାନେ ଦୈନିକ ମଜୁରୀ ଠିକ ଭାବେ ପାଉଛନ୍ତି କି ନାହିଁ ଓ ନିର୍ଦ୍ଧାରିତ ସମୟଠାରୁ ଅଧିକ ସମୟ କାର୍ଯ୍ୟକରି ଶୋଷଣର ଶିକାର ହେଉଛନ୍ତି ସେ ସମ୍ପର୍କରେ ତଦାରଖ କରି ଉପରିସ୍ଥ ଅଧିକାରୀଙ୍କ ଦୃଷ୍ଟିକୁ ଆଣିବାକୁ ଜିଲ୍ଲାପାଳ ପରାମର୍ଶ ଦେଇଛନ୍ତି । ବିଭିନ୍ନ କ୍ଷେତ୍ରରେ କାର୍ଯ୍ୟ କରୁଥିବା ଶ୍ରମିକମାନଙ୍କୁ ପଞ୍ଜିକରଣ କରିବା ସହ ସୁରକ୍ଷା ଓ ଆନୁସଙ୍ଗିକ ବ୍ୟବସ୍ଥା ଯୋଗାଇ ଦେବାକୁ ସେ ପରାମର୍ଶ ଦେଇଛନ୍ତି । ନିର୍ମାଣ ଶ୍ରମିକ ଓ ସେମାନଙ୍କର ପରିବାରକୁ ଯୋଗାଇ ଦିଆଯାଉଥିବା ସମସ୍ତ ସହାୟତାକୁ ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ଉପଲବ୍ଧ କରାଇବା ସହ ନିର୍ମାଣ ବାବଦରେ ମିଳୁଥିବା ୧ ପ୍ରତିଶତ ସେସ୍‌କୁ ନିୟମିତ ସଂଗ୍ରହ କରି ଜମା କରିବାକୁ ଜିଲ୍ଲାପାଳ ପରାମର୍ଶ ଦେଇଛନ୍ତି । ଏହି କାର୍ଯ୍ୟକ୍ରମରେ ମଣ୍ଡଳ ସହାୟ ଶ୍ରମ କମିଶନର ଶ୍ରୀ ଜିତ୍ ମୋହନ ହାଁସଦା ଯୋଗ ଦେଇ ନିର୍ମାଣ ଶ୍ରମିକମାନଙ୍କର ସୁରକ୍ଷା ଓ ସେମାନଙ୍କର ପରିବାରର ସ୍ୱାସ୍ଥ୍ୟ ଓ ସହାୟତା ନିମନ୍ତେ ସରକାର ବିଭିନ୍ନ ଯୋଜନା କାର୍ଯ୍ୟକାରୀ କରୁଛନ୍ତି ବୋଲି ପ୍ରକାଶ କରିଥିଲେ । ଏହି ଯୋଜନାଗୁଡିକୁ ନିଷ୍ଠାର ସହ କାର୍ଯ୍ୟକାରୀ କରି ସଠିକ ସମୟରେ ସେବା ଯୋଗାଇ ଦେବାକୁ ସେ ପରାମର୍ଶ ଦେଇଛନ୍ତି । ଜଣେ ନିର୍ମାଣ ଶ୍ରମିକ ବର୍ଷକୁ ଅତି କମ୍‌ରେ ୯୦ ଦିନ କାର୍ଯ୍ୟ କରିବା ସହ ୧୮ରୁ ୬୦ ବର୍ଷ ବୟସ ମଧ୍ୟରେ ଥିବା ଶ୍ରମିକ ମାନଙ୍କୁ ପଞ୍ଜିକରଣ କରି ବିଭିନ୍ନ ସହାୟତା ପ୍ରଦାନ କରିବାକୁ ପରାମର୍ଶ ଦେଇଛନ୍ତି । ଅନୁଗୋଳ ଜିଲ୍ଲା ଶ୍ରମ ଅଧିକାରୀ ଶ୍ରୀ ଶିବ ଶଙ୍କର ମିଶ୍ର ପାୱାରପଏଣ୍ଟ ମାଧ୍ୟମରେ କୋଠାବାଡି ଓ ଅନ୍ୟାନ୍ୟ ନିର୍ମାଣ ଶ୍ରମିକ ସେସ୍ ଆଇନ ୧୯୯୬ ଓ ନିର୍ମାଣର ମୂଲ୍ୟ ବାବଦରେ ୧ ପ୍ରତିଶତ ସେସ୍ ସଂଗ୍ରହ ଉପରେ ଆଲୋକପାତ କରିଥିଲେ । ନିର୍ମାଣ ଶ୍ରମିକ ଓ ସେମାନଙ୍କ ପରିବାର ପାଇଁ ଶିକ୍ଷା ସହାୟତା ୨ହଜାରରୁ ୪୦ ହଜାର(ଦୁଇଟି ପିଲା ପାଇଁ) ,ବିବାହ ସହାୟତା (ଦୁଇଟି ଝିଅ ପାଇଁ) ପ୍ରତ୍ୟେକଙ୍କୁ ୫୦ହଜାର ,ସାଇକେଲ କ୍ରୟ ସହାୟତା ନିମନ୍ତେ ୪ହଜାର,କାର୍ଯ୍ୟ କରିବା ପାଇଁ ଯନ୍ତ୍ରପାତି କ୍ରୟ ନିମନ୍ତେ ୪ ହଜାର,ସୁରକ୍ଷା ଉପକରଣ ବାବଦରେ ୧ ହଜାର,ପ୍ରସବ କାଳିନ ସହାୟତା(୨ଟି ପିଲା ପାଇଁ) ପ୍ରତ୍ୟେକଙ୍କୁ ୧୦ ହଜାର ଲେଖାଏଁ,ଗୁରୁତର ଅସୁସ୍ଥମାନଙ୍କ ଚିକିତ୍ସା ଓ ଦୁର୍ଘଟଣାଜନିତ ସହାୟତା ପ୍ରଦାନ ,ନିର୍ମାଣ ଶ୍ରମିକ ପକ୍କା ଘର ଯୋଜନା,ନିର୍ମାଣ ଶ୍ରମିକ ପେନସନ ଯୋଜନା,ମୃତ୍ୟୁକାଳିନ ସହାୟତା ଓ ଦୁର୍ଘଟଣାଜନିତ ମୃତ୍ୟୁପାଇଁ ୪ ଲକ୍ଷ ଓ ସ୍ୱାଭାବିକ ମୃତ୍ୟୁ ପାଇଁ ୨ ଲକ୍ଷ ସହ ଅନ୍ତ୍ୟେଷ୍ଟିକ୍ରିୟା ପାଇଁ ୫ ହଜାର ଟଙ୍କାର ସହାୟତା ଯୋଗାଇ ଦିଆଯାଉଛି । ବର୍ତ୍ତମାନ ସୁଦ୍ଧା ରାଜ୍ୟରେ ୨୮ଲକ୍ଷ ନିର୍ମାଣ ଶ୍ରମିକ ପଞ୍ଜିକୃତ ହୋଇ ୧୪୦୮ କୋଟି ଆର୍ଥିକ ସହାୟତା ଓ ୨୦.୩୪ ଲକ୍ଷ ବିଭିନ୍ନ ସହାୟତା ପ୍ରଦାନ କରାଯାଇଛି । ଅନୁଗୋଳ ଶ୍ରମ ଜିଲ୍ଲାରେ ୩୭,୩୭୯ ଜଣ ଓ ତାଳଚେର ଶ୍ରମ ଜିଲ୍ଲାରେ ୫୧,୮୦୦ ଜଣ ନିର୍ମାଣ ଶ୍ରମିକ ପଞ୍ଜିକୃତ ହୋଇଛନ୍ତି । ସମୁଦାୟ ୩୧କୋଟି ୩୩ଲକ୍ଷ ୬୮ ହଜାର ୬୯୬ ଟଙ୍କାର ଆର୍ଥିକ ସହାୟତା ସହ ୭୯,୬୫୫ (୩୩୭୯୫ ଓ ୪୫୮୬୦)ଜଣ ହିତାଧିକାରୀ ଏହି ୨ଟି ଶ୍ରମ ଜିଲ୍ଲାରେ ଉପକୃତ ହୋଇଛନ୍ତି । ଏହି କର୍ମଶାଳାରେ ତାଳଚେର ଜିଲ୍ଲା ଶ୍ରମ ଅଧିକାରୀଣୀ ଇତିଶ୍ରୀ ରାଉରାଇଙ୍କ ସମେତ ବିଭିନ୍ନ ବିଭାଗର ଜିଲ୍ଲା ସ୍ତରୀୟ ଅଧିକାରୀ ଓ ଶ୍ରମ ବିଭାଗର କର୍ମକର୍ତ୍ତାମାନେ ଯୋଗ ଦେଇଥିଲେ ।


TOILET


Kalyan Yojana
Date-17.10.2019